ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ରାଧେଶ୍ୟାମ ମେହେର ଏବଂ ଅନ୍ୟମାନେ ।

ଡିସେମ୍ବର 14, 1994

[ଏସ୍. ସି. ଅଗ୍ରୱାଲ ଏବଂ ଫୈଜାନ ଉଦ୍ଦୀନ, ନ୍ୟାୟମୂର୍ତ୍ତି ଦ୍ୱୟ ।]

*ଭାରତ ସମ୍ବିଧାନ, 1950: ଅନୁଚ୍ଛେଦ 19 (1)(g)*

*ରାଜ୍ୟ--- ଡାକ୍ତରଖାନା ପରିସରରେ 24 ଘଣ୍ଟା ଔଷଧାଳୟ ଖୋଲିବା ନିର୍ଣ୍ଣୟ--- ଡାକ୍ତରଖାନା ସମ୍ମୁଖରେ ଔଷଧାଳୟ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆପତ୍ତି --- ଯେ ପର୍ଯ୍ୟନ୍ତ ଔଷଧାଳୟ ମାଲିକମାନେ ଚବିଶ ଘଣ୍ଟା ଦୋକାନ ଖୋଲିବାର ପ୍ରତିଶ୍ରୁତି ନଦେଇଛନ୍ତି ସେ ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ଔଷଧାଳୟ ଖୋଲିବା ନିର୍ଣ୍ଣୟ ନ ନେବା ଲାଗି ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ--- ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ନ୍ୟାୟସଙ୍ଗତ ନୁହେଁ--- ରାଜ୍ୟର ନିର୍ଣ୍ଣୟ ଜନସ୍ୱାର୍ଥରେ ବୋଲି କୁହାଯାଇଛି--- ବୃହତ୍ତର ଜନସ୍ୱାର୍ଥକୁ ଆଗେଇ ନେବା ପାଇଁ ରାଜ୍ୟ ଦ୍ୱାରା କ୍ଷମତାର ପ୍ରୟୋଗକୁ ଏହି ଆଧାରରେ ସଂକ୍ଷିପ୍ତ କରାଯାଇପାରିବ ନାହିଁ ଯେ ଏହା କେତେକ ବ୍ୟବସାୟୀଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରଭାବିତ କରିଥାଏ ।*

**ରୋଗୀମାନଙ୍କୁ ବିନା କୌଣସି ଅସୁବିଧାରେ ଦିନ ରାତି ଔଷଧ ପାଇବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ, ଆବେଦନକାରୀ-ରାଜ୍ୟ ଡାକ୍ତରଖାନା ପରିସରରେ 24 ଘଣ୍ଟା ଔଷଧାଳୟ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ । ଉକ୍ତ ନୀତିଗତ ନିର୍ଣ୍ଣୟ ଅନୁଯାୟୀ ଅଧିକ୍ଷକ ---ସିଏମଡିଓ, ବଲାଙ୍ଗିର, ପାଟନାଗଡ଼ ଉପଖଣ୍ଡ ଚିକିତ୍ସାଳୟ ଭିତରେ 24 ଘଣ୍ଟା ଔଷଧାଳୟ ଖୋଲିବା ପାଇଁ ଇଚ୍ଛୁକ ଦୋକାନ ମାଲିକଙ୍କଠାରୁ ଆବେଦନପତ୍ର ଆହ୍ୱାନ କରିଥିଲେ । ଡାକ୍ତରଖାନା ସମ୍ମୁଖରେ ସେମାନଙ୍କ ଔଷଧାଳୟ ଥିବାରୁ ଉତରଦାତାମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଏହି ବିଜ୍ଞାପନକୁ ଆପତ୍ତି କରିଥିଲେ ଯେ ଏହା ସେମାନଙ୍କର ବ୍ୟବସାୟିକ ସ୍ୱାର୍ଥକୁ ପ୍ରଭାବିତ କରିବ । ଉଚ୍ଚ ନ୍ୟାୟାଳୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରସ୍ତାବିତ ଔଷଧାଳୟ ଖୋଲିବା ଉପରେ ନିଷ୍ପତ୍ତି ନ ନିଆଯାଉ, ଯଦି ଉତ୍ତରଦାତାମାନେ ପ୍ରତିଶ୍ରୁତି ଦିଅନ୍ତି ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦିନ ରାତି ଦୋକାନ ଖୋଲା ରଖିବେ ଏବଂ ରୋଗୀମାନଙ୍କୁ ଔଷଧ ଉପଲବ୍ଧ କରାଇବେ । ଲୋକହିତରେ ନିଆଯାଇଥିବା ରାଜ୍ୟର ନିର୍ଣ୍ଣୟକୁ ହସ୍ତକ୍ଷେପ କରିବାରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଛନ୍ତି ବୋଲି ଦର୍ଶାଇ ରାଜ୍ୟ ଏହି ନ୍ୟାୟାଳୟରେ ଏକ ଆବେଦନ କରିଛନ୍ତି ।**

**ଆବେଦନକୁ ଅନୁମତି ଦେଇ ଏବଂ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଅଗ୍ରାହ୍ୟ କରି, ଏହି ନ୍ୟାୟାଳୟ କହିଛନ୍ତି:**

**1. ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ଖୋଲିବା ପାଇଁ ଆବେଦନକାରୀଙ୍କ ଉଦ୍ଦେଶ୍ୟ ହେଉଛି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଅସୁବିଧାକୁ ଦୂର କରିବା ଏବଂ ଆବେଦନକାରୀଙ୍କ ଏହି ଉଦ୍ଦେଶ୍ୟ ଲୋକହିତ ସହିତ ସିଧାସଳଖ ସମ୍ପର୍କ ରଖିଛି, ବିଶେଷ କରି ରୋଗୀଙ୍କ ସ୍ୱାର୍ଥ ସହିତ, ଏବଂ ତେଣୁ, ଡାକ୍ତରଖାନା ପରିସରରେ ଏକ ଔଷଧାଳୟର ପରିଚାଳନାକୁ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଣ୍ଣୟରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ।**

**2. ଏଥିରେ କୌଣସି ସନ୍ଦେହ ନାହିଁ ଯେ ରୋଗୀଙ୍କ ପାଇଁ ଔଷଧର ଉପଲବ୍ଧତା ଉପରେ ବିଚାର କରିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ କାରଣ ଜଣେ ବ୍ୟକ୍ତିଙ୍କ ଆୟ ଅର୍ଜନ କରିବା ଏବଂ ନିଜର ଜୀବିକା ନିର୍ବାହ ପାଇଁ ଲାଭ ଅର୍ଜନ କରିବାର ଅଧିକାର ତୁଳନାରେ ଔଷଧାଳୟ ମୁଖ୍ୟତଃ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ, ଔଷଧାଳୟ କିମ୍ବା ଯେଉଁମାନେ ଏହାକୁ ଚଳାଉଛନ୍ତି ସେମାନଙ୍କ ପାଇଁ ନୁହେଁ । ତେଣୁ, ଯଦି ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ଖୋଲାଯାଏ, ତେବେ ଏହା ସେମାନଙ୍କ ସ୍ୱାର୍ଥକୁ ବିପଦରେ ପକାଇବ ଏବଂ ସେମାନଙ୍କ ବ୍ୟବସାୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ ସେମାନେ ନିଜକୁ ବଜାୟ ରଖିପାରିବେ ନାହିଁ ବୋଲି ଉତ୍ତରଦାତାମାନଙ୍କ ଉପସ୍ଥାପନାକୁ ଭିତ୍ତିକରି ଆବେଦନକାରୀଙ୍କୁ ଡାକ୍ତରଖାନା ପରିସରରେ ଏକ ଦୋକାନ ଖୋଲିବାକୁ ଅନୁମତି ନଦେବା, ଏକ ବୈଧ ଆଧାର ହୋଇପାରିବ ନାହିଁ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 9277/1994 ।

ତା 27.9.93 ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ଓ. ଜେ. ସି. ସଂଖ୍ୟା 5435/1993 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀଙ୍କ ପାଇଁ ଏ. କେ. ପଣ୍ଡା ।

ଉତ୍ତରଦାତାମାନଙ୍କ ପାଇଁ ପାର୍ଥସାରଥୀ ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ଫୈଜାନ ଉଦ୍ଦୀନଙ୍କ** ଦ୍ୱାରା ପ୍ରଦାନ କରାଯାଇଛି । 1. ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ ଆମ ବିଚାର ପାଇଁ ଯେଉଁ ସଂକ୍ଷିପ୍ତ ପ୍ରଶ୍ନ ଉଠିଛି, ତାହା ହେଉଛି, ତା 27.9.93 ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓଜେସି ସଂଖ୍ୟା 5435/93 ରେ ପ୍ରଦାନ କରିଥିବା ଆକ୍ଷେପିତ ଆଦେଶରେ କହିଥିଲେ ଯେ ତା 27.7.93 ରିଖରେ ଅଧିକ୍ଷକ ସିଡିଏମଓ, ବଲାଙ୍ଗୀର ଙ୍କ ଦ୍ୱାରା କରାଯାଇଥିବା ବିଜ୍ଞାପନ ଆଧାରରେ ପାଟଣାଗଡ଼ ଡାକ୍ତରଖାନା ପରିସରରେ କାହାକୁ ଔଷଧାଳୟ ଖୋଲିବାକୁ ନିଷ୍ପତି ନ ନିଆଯାଉ ଏବଂ କହିଥିଲେ ଯେ ଏହା କୌଣସି ଆଧାରର ଅନୁପସ୍ଥିତିରେ ତିଷ୍ଠି ରହିବାପାଇଁ ଦର୍ଶାଇଥାଏ ଯେ ସରକାରଙ୍କ ଉପରୋକ୍ତ ନିଷ୍ପତି ସ୍ୱେଚ୍ଛାଚାରୀ ଥିଲା କିମ୍ବା ସେହି ପରିପ୍ରେକ୍ଷିରେ କୌଣସି ନିୟମ କିମ୍ବା ନିୟମାବଳୀର ବିରୋଧ କରୁଥିଲା କି ।

3. ସମ୍ବିଧାନର ଅନୁଚ୍ଛେଦ136 ଅନୁଯାୟୀ ଏହି ଆବେଦନ କରିବାର ସଂକ୍ଷିପ୍ତ ତଥ୍ୟ ହେଉଛି ଯେ ଓଡ଼ିଶା ରାଜ୍ୟ ସରକାର ମହାବିଦ୍ୟାଳୟ, ଡାକ୍ତରଖାନା ଆଦିରେ 24 ଘଣ୍ଟା ଔଷଧାଳୟ ଖୋଲିବା ପାଇଁ ବିଦ୍ୟମାନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ଏବଂ ପୂର୍ବ ନିର୍ଦ୍ଦେଶାବଳୀକୁ ଚାପିଦେଇ ନିର୍ଣ୍ଣୟ ନେଇଥିଲେ ଯେ ଡାକ୍ତରଖାନା ପରିସରରେ 24 ଘଣ୍ଟା ଔଷଧାଳୟ ଖୋଲାଯିବ ଯାହା ରୋଗୀମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ମୂଲ୍ୟରେ ସମସ୍ତଙ୍କୁ ଔଷଧ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ସମସ୍ତ 24 ଘଣ୍ଟା ଖୋଲା ରହିବ । ଫଳସ୍ୱରୂପ ସମ୍ପୃକ୍ତ ଡାକ୍ତରଖାନା ପରିସରରେ 24 ଘଣ୍ଟା ଔଷଧାଳୟର ଆବଶ୍ୟକତାକୁ ଆକଳନ କରିବା ପାଇଁ ଓଡ଼ିଶା ରାଜ୍ୟର ସମସ୍ତ ଡି. ଏମ. ଇ. ଟି. / ଡି. ଏସ. ଏଚ. / ଡି. ସି. ଏବଂ ମେଡ଼ିକାଲ କଲେଜର ସମସ୍ତ ଅଧୀକ୍ଷକ ତଥା ରାଜଧାନୀ ଭୁବନେଶ୍ୱରର ସମସ୍ତ  ସି. ଡି. ଏମ. ଓ. ଏବଂ 'ସି. ଏମ. ଓ. ମାନଙ୍କୁ 13.05.1993 ମସିହାରେ ଏକ ସ୍ମାରକ ଜାରି କରାଯାଇଥିଲା ଏବଂ ଯଦି ଆବଶ୍ୟକତା ପଡ଼େ ତେବେ ସେମାନେ ସେହି ଉଦ୍ଦେଶ୍ୟରେ ଏକ ଆଦେଶ ଜାରି କରିବେ ଏବଂ ଯୋଗ୍ୟ ବ୍ୟକ୍ତିଙ୍କଠାରୁ ଆବେଦନ ଆହ୍ୱାନ କରି ବିଜ୍ଞାପନ ଜାରି କରିବେ । ନିର୍ଦ୍ଦେଶ ଅନୁଯାୟୀ, ଉକ୍ତ ଆବେଦନଗୁଡିକ ଉପରୋକ୍ତ ସ୍ମାରକରେ ଲିଖିତ କର୍ତ୍ତୃପକ୍ଷଙ୍କୁ ପଠାଇବାକୁ ପଡିବ, ଯେଉଁମାନେ ସରକାରୀ ସ୍ତରରେ ଚୂଡ଼ାନ୍ତ ନିର୍ଣ୍ଣୟ ପାଇଁ ସେମାନଙ୍କର ମତାମତ/ମନ୍ତବ୍ୟ ସହିତ ସରକାରଙ୍କୁ ପଠାଇବାକୁ ପଡିବ । ଏହି ସ୍ମାରକପତ୍ରର ଅନୁସରଣରେ ବଲାଙ୍ଗିରର ଅଧିକ୍ଷକ /ସି. ଡି. ଏମ୍. ଓ. ଏକ ବିଜ୍ଞାପନ ଜାରି କରି ପାଟନାଗଡ଼ ଉପଖଣ୍ଡ ଡାକ୍ତରଖାନାର ପରିସରରେ ଏକ ଔଷଧାଳୟ ଖୋଲିବା ପାଇଁ ଇଚ୍ଛୁକ ଦୋକାନ ମାଲିକଙ୍କ ଠାରୁ ଆବେଦନ ଆହ୍ୱାନ କରିଥିଲେ, ଯାହା ରୋଗୀମାନଙ୍କୁ ବିନା କୌଣସି ଅସୁବିଧାରେ ଔଷଧ ପାଇବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଦିନ ରାତି ଖୋଲା ରହିବ । ଡାକ୍ତରଖାନାର 2 ନମ୍ବର ମୁଖ୍ୟ ଫାଟକ ସମ୍ମୁଖରେ ରାସ୍ତା ପାର୍ଶ୍ୱରେ ନିଜର ଔଷଧାଳୟ ରଖିଥିବା 1ରୁ 7 ନମ୍ବର ଉତ୍ତରଦାତା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରି ଅଧୀକ୍ଷକ/ସି. ଡି. ଏମ୍. ଓ. ଙ୍କ ଦ୍ୱାରା ଜାରି କରାଯାଇଥିବା ଉକ୍ତ ବିଜ୍ଞାପନକୁ ଏହି ଆଧାରରେ ଆପତ୍ତି କରିଛନ୍ତି ଯେ ଯଦି ଉପଖଣ୍ଡ ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ଖୋଲାଯାଏ ଯାହା କେବଳ 30 ଶଯ୍ୟା ପାଇଁ ବ୍ୟବସ୍ଥା ଥିବା ଏକ ଛୋଟ ଡାକ୍ତରଖାନା, ତେବେ ସେମାନଙ୍କ ଜୀବିକା ବଜାୟ ରଖିବା ପାଇଁ କ୍ୱଚିତ୍ କୌଣସି ବ୍ୟବସାୟ ହେବ । ଉତ୍ତରଦାତାମାନେ ଏହା ମଧ୍ୟ ପ୍ରସ୍ତାବ ଦେଇଥିଲେ ଯେ ଆବେଦନକାରୀ ସଂଖ୍ୟା 1,4 ରୁ 7 (ଯେଉଁମାନେ ଏଠାରେ ଉତ୍ତରଦାତା ସଂଖ୍ୟା 1,4 ରୁ 7), ଯେଉଁମାନଙ୍କ ଔଷଧାଳୟ ଡାକ୍ତରଖାନା ଫାଟକ ନିକଟରେ ରହିଛି, ସେମାନେ ଦିନରାତି ସେମାନଙ୍କ ଔଷଧାଳୟ ଖୋଲା ରଖିବେ ଏବଂ ସେମାନେ ବଲାଙ୍ଗିରର ଅଧିକ୍ଷକ /ସି. ଡି. ଏମ୍. ଓ. ଙ୍କୁ ଏହି ସମ୍ବନ୍ଧରେ ଏକ ପ୍ରତିଶ୍ରୁତି ଦେବାକୁ ପ୍ରସ୍ତୁତ ଅଛନ୍ତି । ଉକ୍ତ ଆବେଦନକୁ ବିରୋଧ କରି କୁହାଯାଇଥିଲା ଯେ ଉକ୍ତ ବିଜ୍ଞାପନଟି ଡାକ୍ତରଖାନା ପରିସରରେ ଔଷଧାଳୟ ଖୋଲିବା ଏବଂ ବିଶେଷ କରି ରୋଗୀମାନଙ୍କୁ ଅସୁବିଧା ସମୟରେ ମଧ୍ୟ ଔଷଧ ଉପଲବ୍ଧ କରାଇବା ପାଇଁ ସରକାରୀ ନୀତିକୁ ଦୃଷ୍ଟିରେ ରଖି ଲୋକହିତ ପାଇଁ  ଜାରି କରାଯାଇଥିଲା ।

4. ଏହା ଜଣାପଡ଼େ ଯେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନରେ ଯୁକ୍ତି ସମୟରେ ଅଧୀକ୍ଷକ/ସିଡିଏମଓ, ବଲାଙ୍ଗିର ବ୍ୟକ୍ତିଗତ ଭାବରେ କୋର୍ଟରେ ଉପସ୍ଥିତ ଥିଲେ, ଯିଏ ବିଦ୍ୱାନ ନ୍ୟାୟାଧୀଶଙ୍କ ଦ୍ୱାରା ପଚରାଯାଇଥିବା କେତେକ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ ବିଜ୍ଞାପନର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ରୋଗୀମାନଙ୍କୁ ଦିନ ରାତି ଔଷଧ ଉପଲବ୍ଧ

କରାଇବା | ତେବେ, ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାମାନଙ୍କ ଆବେଦନକୁ ମଞ୍ଜୁର କରିଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ ପାଟନାଗଡ଼ର ଉପଖଣ୍ଡ ଡାକ୍ତରଖାନା ପରିସରରେ ବିଜ୍ଞାପନ ଅନୁଯାୟୀ ଏକ ଔଷଧାଳୟ ଖୋଲିବା ପାଇଁ କୌଣସି ନିର୍ଣ୍ଣୟ ନିଆଯିବ ନାହିଁ ଯଦି ଆବେଦନକାରୀ (ଉତ୍ତରଦାତା ସଂଖ୍ୟା 1,4 ରୁ 7 ଏଠାରେ) 10 ଦିନ ମଧ୍ୟରେ C.D.M.O, ବଲାଙ୍ଗିରକୁ ଏକ ପ୍ରତିଶ୍ରୁତି ଦିଅନ୍ତି ଯେଉଁଥିରେ ଉଲ୍ଲେଖ ରହିବ ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦିନରାତି ତାଙ୍କ ଦୋକାନ ଖୋଲା ରଖିବେ ଏବଂ ରୋଗୀମାନଙ୍କୁ ଔଷଧ ଉପଲବ୍ଧ କରାଇବେ । ଉଚ୍ଚ ନ୍ୟାୟାଳୟ ଆହୁରି ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ସର୍ତ୍ତର କୌଣସି ଉଲ୍ଲଙ୍ଘନ କ୍ଷେତ୍ରରେ ଏବଂ ଯଦି C.D.M.O. ଜାଣିବାକୁ ପାଇବେ ଯେ ପାଟନାଗଡ଼ର ଉପଖଣ୍ଡ ଡାକ୍ତରଖାନାର ଅସୁସ୍ଥ ରୋଗୀମାନେ ଦୋକାନ ବନ୍ଦ ହେତୁ ଔଷଧ ପାଉ ନାହାଁନ୍ତି, ତେବେ ସେ ନୂଆ  ଔଷଧାଳୟ ପାଇଁ ପୁନର୍ବାର ବିଜ୍ଞାପନ କରିବା ପାଇଁ ଉନ୍ମୁକ୍ତ ହେବେ । ଉକ୍ତ ଆଦେଶ ଦ୍ୱାରା ବ୍ୟଥିତ ହୋଇ ଆବେଦନକାରୀମାନେ ଏହି ଆବେଦନ ଆଗତ କରିଛନ୍ତି ।

5. ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଆମ ସମ୍ମୁଖରେ ତୀବ୍ର ଭାବେ ନିବେଦନ କରିଥିଲେ ଯେ ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ରଖିବା ପାଇଁ ଆବେଦନ ଆହ୍ୱାନ କରୁଥିବା ଉକ୍ତ ବିଜ୍ଞାପନ ସରକାରୀ ନୀତି ଅନୁସରଣରେ ଏବଂ ରୋଗୀମାନଙ୍କୁ ଅସୁବିଧା ସମୟରେ ଔଷଧ ଉପଲବ୍ଧ କରାଇବାର ଏକମାତ୍ର ଉଦ୍ଦେଶ୍ୟ ସହିତ ଜାରି କରାଯାଇଥିଲା ଏବଂ ତେଣୁ, ଲୋକହିତରେ ନିଆଯାଇଥିବା ସରକାରଙ୍କ ପ୍ରଶାସନିକ ନିର୍ଣ୍ଣୟରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଏହି ଉପସ୍ଥାପନା ଗୁଡ଼ିକରେ ଆମେ ଯଥେଷ୍ଟ ପ୍ରଭାବ ଏବଂ ଅନେକ ତଥ୍ୟ ପାଇଛୁ ।

6. ଉପରୋକ୍ତ ପୃଷ୍ଠଭୂମିରେ ପ୍ରଶ୍ନ ଉଠୁଛି, ଏହାର ବିପରୀତରେ କୌଣସି ନିୟମ କିମ୍ବା ନିୟନ୍ତ୍ରଣ ଅନୁପସ୍ଥିତିରେ, ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଆଧାରରେ ରାଜ୍ୟର କ୍ଷମତାକୁ ଏପରିକି ବୃହତ୍ତର ସାର୍ବଜନୀନ କଲ୍ୟାଣ ପାଇଁ ରାଜ୍ୟର କ୍ଷମତାକୁ ସୀମିତ କରିବା ପର୍ଯ୍ୟନ୍ତ ସଂକ୍ଷିପ୍ତ କରାଯାଇପାରିବ କି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ରୋଗୀଙ୍କ ପାଇଁ ଔଷଧର ଉପଲବ୍ଧତା ଉପରେ ବିଚାର କରିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେବ ଉଚିତ କାରଣ ଜଣେ ବ୍ୟକ୍ତିଙ୍କ ଆୟ ଅର୍ଜନ କରିବା ଏବଂ ନିଜର ଜୀବିକା ନିର୍ବାହ ପାଇଁ ଲାଭ ଅର୍ଜନ କରିବାର ଅଧିକାର ତୁଳନାରେ ଔଷଧାଳୟ ମୁଖ୍ୟତଃ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ, ଔଷଧାଳୟ କିମ୍ବା ଯେଉଁମାନେ ଏହାକୁ ଚଳାଉଛନ୍ତି ସେମାନଙ୍କ ପାଇଁ ନୁହେଁ । ଯଦି ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ଖୋଲାଯାଏ, ତେବେ ଏହା ସେମାନଙ୍କ ସ୍ୱାର୍ଥକୁ ବିପଦରେ ପକାଇବ ଏବଂ ସେମାନଙ୍କ ବ୍ୟବସାୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ ସେମାନେ ନିଜକୁ ବଜାୟ ରଖିବାରେ ସକ୍ଷମ ହେବେ ନାହିଁ ବୋଲି ଉତ୍ତରଦାତାମାନଙ୍କ ଉପସ୍ଥାପନା ଦ୍ୱାରା ଆବେଦନକାରୀଙ୍କୁ ଡାକ୍ତରଖାନା ପରିସରରେ ଏକ ଦୋକାନ ଖୋଲିବାକୁ ଅନୁମତି ନଦେବା ଏକ ବୈଧ ଆଧାର ହୋଇପାରିବ ନାହିଁ । ନିଃସନ୍ଦେହରେ, ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ଖୋଲିବା ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ, ଅସୁବିଧା ସମୟରେ ଔଷଧ କିଣିବା ପାଇଁ ବାହାରକୁ ଯିବା ପାଇଁ ସେହି ରୋଗୀମାନଙ୍କୁ ଏକ ବଡ଼ ସୁବିଧା ପ୍ରଦାନ କରିବ, ଯେଉଁମାନଙ୍କ ପାଖରେ ସହାୟତା ପାଇଁ କୌଣସି ସହାୟକ ନଥାନ୍ତି । ଏପରି ରୋଗୀ ଥାଇପାରନ୍ତି ଯାହାଙ୍କ ପାଖରେ ଜଣେ ପରିଚାରକ ଥିବେ, ଯେଉଁମାନେ

ରାତିରେ ଔଷଧ କିଣିବା ପାଇଁ ପରିସର ବାହାରକୁ ଯିବା ସୁବିଧାଜନକ କିମ୍ବା ନିରାପଦ ମନେ କରିନପାରନ୍ତି । ଏହି ତଥ୍ୟ ଏବଂ ପରିସ୍ଥିତିରେ ରୋଗୀଙ୍କ ସୁବିଧା ଏବଂ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ସର୍ବାଗ୍ରେ ବିଚାର କରାଯିବା ଉଚିତ, ଡାକ୍ତରଖାନା ପରିସର ବାହାରେ ଦୋକାନ କରୁଥିବା ଔଷଧ ଦୋକାନୀ ମାନଙ୍କୁ ହେଉଥିବା ଅସୁବିଧା ନୁହେଁ । ତେଣୁ ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ଖୋଲିବା ପାଇଁ ଆବେଦନକାରୀଙ୍କ ଉଦ୍ଦେଶ୍ୟ ହେଉଛି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଅସୁବିଧାକୁ ଦୂର କରିବା ଏବଂ ଆବେଦନକାରୀଙ୍କ ଏହି ଉଦ୍ଦେଶ୍ୟ ଲୋକହିତ ସହିତ ସିଧାସଳଖ ସମ୍ପର୍କ ରଖିଛି, ବିଶେଷ କରି ରୋଗୀଙ୍କ ସ୍ୱାର୍ଥ ସହିତ, ଏବଂ ତେଣୁ, ଡାକ୍ତରଖାନା ପରିସରରେ ଏକ ଔଷଧାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିର୍ଣ୍ଣୟରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ତଥାପି, ଯଦି ଉତ୍ତରଦାତାମାନେ ଚାହିଁବେ, ତେବେ ସେମାନେ ସେମାନଙ୍କର ଔଷଧାଳୟ ମଧ୍ୟ ଦିନ ରାତି ଖୋଲା ରଖିପାରିବେ । ଫଳସ୍ୱରୂପ ଆକ୍ଷେପିତ ଆଦେଶ ବଜାୟ ରଖାଯାଇପାରିଲା ନାହିଁ ।

7. ଫଳସ୍ୱରୂପ ଆବେଦନ ସଫଳ ହୋଇଛି ଏବଂ ଏତଦ୍ୱାରା ଅନୁମତି ଦିଆଯାଇଛି । ତା 27.9.93 ରିଖରେ ପ୍ରଦାନ କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ବାତିଲ କରାଗଲା ଏବଂ ଉତ୍ତରଦାତାମାନଙ୍କ ଦ୍ୱାରା ଆଗତ କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରାଗଲା । ତଥାପି ଆମେ ଖର୍ଚ୍ଚ ବାବଦକୁ କୌଣସି ଆଦେଶ ଦେଉ ନାହୁଁ ।

ଟି.ଏନ୍.ଏ. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**TRANSLATED BY:**
Shri Jatadhari Sethi
**Translator, High Court of Orissa, Cuttack**.